| | |
|---|---|
| | भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** |

**Press Release**

# ଆଇଆଇଟି ଭୁବନେଶ୍ୱରରେ ଇ-ସମିଟ୍‌ର ଦଶମ ସଂସ୍କରଣ ଆୟୋଜିତ

**ଭୁବନେଶ୍ୱର, ୪ ଫେବୃୟାରୀ ୨୦୨୪:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରରେ ଫେବୃୟାରୀ ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଇ-ସମିଟ୍‌ର ଦଶମ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବ ଅବସରରେ, ଅଭିନବତ୍ୱ, ନବସୃଜନଏବଂ ଉଦ୍ୟମିତାର ଏକ ଦଶନ୍ଧିର ସଫଳତାର ପ୍ରଦର୍ଶନ କରାଯାଇଥିଲା। ଚଳିତ ବର୍ଷର ଇ-ସମିଟ୍‌ର ଶୀର୍ଷକ ଥିଲା 'ଡିଜିଟାଲ୍ ପୁନଃନିର୍ମାଣ-ଉଦ୍ୟମିତାର ପୁନର୍ଗଠନ'।

ଉଦ୍‌ଘାଟନୀ ସମାରୋହରେ ବେଦାନ୍ତ ଲିମିଟେଡ୍‌ର ସଭାପତି-ଓଡ଼ିଶା ଓ ଛତିଶଗଡ଼ ଡଃ ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଉଦ୍ୟମିତା ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ।

ଇ-ସମିଟ୍‌ର ଅବଶିଷ୍ଟ ୨ ଦିନରେ ବିଭିନ୍ନ ବକ୍ତାଙ୍କ ଅଭିଭାଷଣ, କର୍ମଶାଳା, ପ୍ରତିଯୋଗିତା, ପ୍ୟାନେଲ୍ ଆଲୋଚନା ଆଦି ଅନ୍ତର୍ଭୁକ୍ତ ହୋଇଥିଲା। ଅଂଶଗ୍ରହଣକାରୀମାନେ ସେମାନଙ୍କ ଦକ୍ଷତା ଷ୍ଟାର୍ଟ-ଅପ୍ ଏକ୍ସପୋ ଏବଂ ଇନୋଭେସନ୍ ଏକ୍ସପୋ ଅବସରରେ ପ୍ରଦର୍ଶିତ କରିଥିଲେ। ଉଦୀୟମାନ ଉଦ୍ୟୋଗୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ ନିମନ୍ତେ ଇନ୍‌ଭେଷ୍ଟର୍ସ ଡ୍ରାଇଭ୍ ଆୟୋଜିତ ହୋଇଥିଲା। ଏହି ତିନିଦିନିଆ ସମିଟ୍‌ର ଏକ ମୁଖ୍ୟ ଆକର୍ଷଣ ଭାବେ ଏକ ଡମୀ ଆଇପିଏଲ୍ ଅକ୍ସନ୍ ଅନୁଷ୍ଠିତ ହୋଇଥିଲା।

ଏହି ସଂସ୍କରଣରେ ସ୍କୁଲ୍ ପିଲାମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡଃ ବେନୁଗୋପାଲ ଅରୁମୁରୁ ଏବଂ ଛାତ୍ର ଭଲ୍ୟୁଣ୍ଟିଅର୍‌ଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମକୁ ଆଇଆଇଟି ଭୁବନେଶ୍ୱରର ଡିଜାଇନ୍ ଏବଂ ଇନୋଭେସନ୍ ସେଣ୍ଟର୍ ପ୍ରାୟୋଜିତ କରିଥିଲା।

ଇ-ସମିଟ୍‌ର ଅଧ୍ୟକ୍ଷା ଡଃ ଶ୍ରୀତମା ମିଶ୍ରାଙ୍କ ଦିଗ୍‌ଦର୍ଶନରେ ଛାତ୍ରଛାତ୍ରୀମାନଙ୍କ ଏକ ଦଳ ଦ୍ୱାରା ଏହି କାର୍ଯ୍ୟକ୍ରମଟି ଆୟୋଜିତ ଓ ସଂଯୋଜିତ ହୋଇଥିଲା। ଇ-ସମିଟ୍-୨୦୨୪ର ମୁଖ୍ୟ ସଂଯୋଜକ ଶ୍ରୀ ଏସ୍. ଋତ୍ୱିଜ ଅହ୍ଲାଦ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଇଆଇଟି ଭୁବନେଶ୍ୱରର ଡିନ୍-ଷ୍ଟୁଡେଣ୍ଟ୍ ଆଫେୟାର୍ସ ପ୍ରଫେସର୍ ରାଜେଶ ରୋଶନ ଦାଶ, ଷ୍ଟୁଡେଣ୍ଟ୍ ଜିମ୍‌ଖାନାର ସଭାପତି, ଅଧ୍ୟାପକ ଏବଂ କର୍ମଚାରୀବୃନ୍ଦ ଏହି ଅବସରରେ ଯୋଗ ଦେଇଥିଲେ। ଇ-ସମିଟ୍-୨୦୨୪ରେ ୨୫୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

ଏହି ଉତ୍ସବକୁ ରିନେକ୍ସ, ବେଦାନ୍ତ, ମହାନଦୀ କୋଲଫିଲ୍ଡସ ଲିମିଟେଡ୍, ଆଇଆଇଟି ଭୁବନେଶ୍ୱରର ଡିଜାଇନ୍ ଏବଂ ଇନୋଭେସନ୍ ସେଣ୍ଟର, ଆଇଆଟି ଭୁବନେଶ୍ୱରର ଷ୍ଟାର୍ଟ-ଅପ୍ ସେଣ୍ଟର୍, ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର୍, ଅନ୍‌ଏକାଡେମୀ ଏବଂ ଓଡ଼ିଶା ହାଇଡ୍ରୋପାୱାର୍ କର୍ପୋରେସନ୍ ଭଳି ଅନୁଷ୍ଠାନ ପ୍ରାୟୋଜିତ କରିଥିଲେ।

------------------